# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 March - 2025

### News Editor : Satyaranjan Pattanaik

*********************************

## ମୁଖ୍ୟ ସମ୍ବାଦ

- ବିରୋଧୀ ଦଳଙ୍କ କକ୍ଷତ୍ୟାଗ ସତ୍ତ୍ୱେ ବିଧାନସଭାର ବଜେଟ ଅଧିବେଶନର ଚତୁର୍ଥ ଦିନରେ ଗୃହକାର୍ଯ୍ୟ ଜାରି ।

- ଆସନ୍ତା ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଧୂମପାନର କ୍ଷତିକାରକ ପ୍ରଭାବଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଆଜି ପାଳନ କରାଯାଉଛି ଜାତୀୟ ଧୂମପାନ ବର୍ଜନ ଦିବସ ।

ଏବଂ

- ଆସନ୍ତାକାଲିଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ପାଣିପାଗ କେନ୍ଦ୍ରର ସୂଚନା ।

# ବିଧାନସଭା

ବିଧାନସଭାର ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ଚତୁର୍ଥ ଦିନରେ ଆଜି ଗୃହ କାର୍ଯ୍ୟ ଆରମ୍ଭରେ କଂଗ୍ରେସ ଦଳର ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଏବଂ ମୁହଁରେ କଳାକନା ବାନ୍ଧି ଗୃହ ମଧ୍ୟରେ ପ୍ରବେଶ କରି ସ୍ଲୋଗାନ ଦେବାସହିତ କିଛି ସମୟ ପରେ କକ୍ଷତ୍ୟାଗ କରିଥିଲେ । କଂଗ୍ରେସ ସଦସ୍ୟଙ୍କ ହୋହାଲ୍ଲା ସତ୍ତ୍ୱେ ବାଚସ୍ପତି ସୁରମା ପାଢ଼ୀ ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜାରି ରଖିଥିଲେ ।

ରାଜ୍ୟରେ କୃଷି ବିଭାଗ ପକ୍ଷରୁ ୨୦୨୫ ମସିହା ଜାନୁୟାରୀ ୩୧ ତାରିଖ ସୁଦ୍ଧା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ସର୍ବମୋଟ ୯ ଲକ୍ଷ ୮୫ ହଜାର ୫୨୮ ଜଣ କୃଷକ ପରିଚୟପତ୍ର ହୋଇପାରିଛି ବୋଲି ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବିଧାନସଭାରେ ସୂଚନା ଦେଇଛନ୍ତି । ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସିଂହଦେଓ କହିଛନ୍ତି ୨୦୨୦ ମସିହା ଜାନୁୟାରୀ ପହିଲାରୁ ୨୦୨୫ ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ୩୦ଟି ଜିଲ୍ଲାରେ କୃଷକ ପରିଚୟପତ୍ର ପ୍ରସ୍ତୁତ କରାଯାଇଛି ।

ସେହିପରି ରାଜ୍ୟ ସରକାର ଗହମ ଉଠାଣ ପାଇଁ ସମସ୍ତ ଜିଲ୍ଲାରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରି କେନ୍ଦ୍ର ସରକାରଙ୍କୁ ଅବଗତ କରାଗଲା

ପରେ ରାଜ୍ୟରେ ଗହମ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହରେ କହିଛନ୍ତି। କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ପରିବର୍ତ୍ତିତ ଆବଣ୍ଟନ ପତ୍ର ଅନୁସାରେ ହିତାଧିକାରୀମାନଙ୍କୁ ଖାଦ୍ୟଶସ୍ୟ ବଣ୍ଟନ କରାଯିବ।

***Puri***

## ସାଇକେଲ୍ ରାଲି

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ-ଏନ୍‌ସିସି ପକ୍ଷରୁ ସାମାଜିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସାଇକେଲ ରାଲି ଆଜି ପୁରୀ ସହରରୁ ବାହାରିଛି। କଟକ ଏନ୍‌ସିସି ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାଇକେଲ୍ ରାଲି ୨୦ ଦିନ ବ୍ୟାପୀ ରାଜ୍ୟର ୧୫ଟି ଜିଲ୍ଲା ପରିକ୍ରମା କରିବା ପରେ ଆସନ୍ତା ମାସ ୨ ତାରିଖରେ କଟକ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟରେ ପହଞ୍ଚିବ। ସାଇକେଲ ଶୋଭାଯାତ୍ରାରେ ସଡ଼କ ସୁରକ୍ଷା, ପରିବେଶ ସଂରକ୍ଷଣ, ମହିଳା ସଶକ୍ତିକରଣ, ନିଶା ନିବାରଣ, ସାଇବର ସୁରକ୍ଷା ସମେତ ଅନ୍ୟ ସଚେତନତା ବାର୍ତ୍ତା ନେଇ ୧୫ଟି ଜିଲ୍ଲା ପରିକ୍ରମା କରି ୮୫୦ କିଲୋମିଟର ଯାତ୍ରା କରିବ। ପୋଲିସ୍, ପରିବହନ, ଉଚ୍ଚଶିକ୍ଷା

ବିଭାଗର ମିଳିତ ସହଯୋଗରେ ଏନ୍‌ସିସି ତରଫରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

***Desk***

## କୃଷକ ସଶକ୍ତିକରଣ କର୍ମଶାଳା

ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଭଦ୍ରକ ଜିଲ୍ଲା ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କୃଷକମାନଙ୍କ ସଶକ୍ତିକରଣ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସଞ୍ଜୟ ମହାନ୍ତି, ନାବାର୍ଡର ଏଜିଏମ୍ ଦୀପକ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କୃଷି ସମ୍ବନ୍ଧୀୟ ଯୋଜନା ଉପରେ ଆଲୋକପାତ କରିଥିଲେ । କୃଷକମାନେ କୃଷି ଉଦ୍ୟାନ, ପନିପରିବା, ଗୋପାଳନ, ମାଛଚାଷ କରି ଆତ୍ମନିର୍ଭରଶୀଳ ହେବାସହ ନିଜର ଆୟ ଦ୍ୱିଗୁଣିତ କରିପାରିବେ ସେ ସମ୍ବନ୍ଧରେ କର୍ମଶାଳାରେ ଆଲୋଚନା ହୋଇଥିଲା । ଏ ସମ୍ପର୍କରେ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସଞ୍ଜୟ ମହାନ୍ତି କହିଛନ୍ତି ......

**- V/O –**

***Desk***

## ଜାତୀୟ ଧୂମପାନ ବର୍ଜନ ଦିବସ

ଧୂମପାନର କ୍ଷତିକାରକ ପ୍ରଭାବଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚମାସର ଦ୍ୱିତୀୟ ବୁଧବାରକୁ ଜାତୀୟ ଧୂମପାନ ବର୍ଜନ ଦିବସ ଭାବେ ପାଳନ କରାଯାଇଥାଏ। ଧୂମପାନ ଛାଡ଼ି ଲୋକମାନେ ନିଜ ଜୀବନକୁ ଯେପରି ସୁଖମୟ କରିପାରିବେ ଏବଂ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବେ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଚଳିତ ବର୍ଷ ଜାତୀୟ ଧୂମପାନ ବର୍ଜନ ଦିବସର ବାର୍ତ୍ତା ହେଉଛି 'ଧୂମପାନକୁ ନା, ଜୀବନକୁ ହଁ କୁହ'। ପରିସଂଖ୍ୟାନ ତଥ୍ୟ ଅନୁସାରେ ଜଣେ ବ୍ୟକ୍ତି ସିଗାରେଟ୍ ପାନକଲେ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ହୃଦ୍‌ଜନିତ ରୋଗର ୨୦ ପ୍ରତିଶତ ଧୂମପାନ କାରଣରୁ ହୋଇଥାଏ। ଭାରତରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନ ଜନିତ ରୋଗରେ ମୃତ୍ୟୁବରଣ କରିଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁସାରେ ଭାରତର ୭୦ ପ୍ରତିଶତ ପୁରୁଷ ଏବଂ ପ୍ରାୟ ୧୫ ପ୍ରତିଶତ ମହିଳା ଧୂମପାନ କରିଥାନ୍ତି। ଧୂମପାନ ଦ୍ୱାରା ତମାଖରୁ ସୂକ୍ଷ୍ମକଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଉଚ୍ଚ ରକ୍ତଚାପ, କ୍ୟାନସର, ହୃଦ୍‌ରୋଗ ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ।

***Desk***

## ବିଶ୍ୱ ଗ୍ଲୁକୋମା ସପ୍ତାହ

କଳା ମୋତିଆବିନ୍ଦୁ ବା ଗ୍ଲୁକୋମା ରୋଗ ଜଣେ ବ୍ୟକ୍ତିର ଅନ୍ଧତ୍ୱର କାରଣଗୁଡ଼ିକ ମଧ୍ୟରୁ ଅନ୍ୟତମ ଅଟେ । ଏହି ରୋଗ ଦ୍ୱାରା ଆଖି ଭିତରେ ଚାପ ବୃଦ୍ଧି ହୋଇଥାଏ । କୌଣସି ସ୍ପଷ୍ଟ ଲକ୍ଷଣ ବିନା ଗ୍ଲୁକୋମା ଧୀରେ ଧୀରେ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିଚୋର ବୋଲି ମଧ୍ୟ କୁହାଯାଇଥାଏ । ଚକ୍ଷୁର ଗ୍ଲୁକୋମା ବା କଳାମୋତିଆବିନ୍ଦୁର ନିୟନ୍ତ୍ରଣ ଓ ପ୍ରତିରୋଧ ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ଆଜି ବିଶ୍ୱରେ ଗ୍ଲୁକୋମା ଦିବସ ପାଳନ କରାଯାଉଛି । ରାଜ୍ୟ ସରକାର ଚଳିତ ମାସ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଗ୍ଲୁକୋମା ସପ୍ତାହ ପାଳନ କରୁଛନ୍ତି । ଉପଯୁକ୍ତ ସଚେତନତା ଏବଂ ଡାକ୍ତରମାନଙ୍କ ଚିକିତ୍ସା ଦ୍ୱାରା କଳାମୋତିଆବିନ୍ଦୁ ରୋଗର ନିୟନ୍ତ୍ରଣ କରାଯାଇପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ଗ୍ଲୁକୋମା ମୁକ୍ତ ବିଶ୍ୱ ପାଇଁ ସମସ୍ତେ ଏକତ୍ରିତ ହେବାସହ ରୋଗର ଶୀଘ୍ର ଚିହ୍ନଟ ଏବଂ ସଠିକ ସମୟରେ ଉପଯୁକ୍ତ ଚିକିତ୍ସା ଦ୍ୱାରା କଳାମୋତିଆବିନ୍ଦୁକୁ ଦୂର କରାଯାଇପାରିବ । ନିୟମିତ ଆଖିର ପରୀକ୍ଷା କରିବା ସହ ଉଚ୍ଚ ରକ୍ତଚାପ ଓ ମଧୁମେହକୁ ନିୟନ୍ତ୍ରଣ ରଖିପାରିଲେ ଗ୍ଲୁକୋମାର ପ୍ରଭାବକୁ ଆୟତ୍ତ କରାଯାଇପାରିବ ।

***Desk***

## ବିଦେଶାଗତ ପକ୍ଷୀ

ଚଳିତ ବର୍ଷ ଶୀତଋତୁରେ ରାଜ୍ୟର ପ୍ରମୁଖ ଜଳାଶୟଗୁଡ଼ିକୁ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ପ୍ରାୟ ୨୦ ଲକ୍ଷ ୮୫ ହଜାର ଆସିଥିବା ଜଣାପଡ଼ିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ବିଧାନସଭାରେ ଏହି ସୂଚନା ଦେଇ କହିଛନ୍ତି ଚଳିତ ବର୍ଷ ପ୍ରମୁଖ ଜଳାଶୟଗୁଡ଼ିକରେ ବିଦେଶାଗତ ପକ୍ଷୀଙ୍କ ସମାଗମ ସନ୍ତୋଷଜନକ ଥିଲା।

***Nuapada***

## ତାଲିମ ଶିବିର

ନୂଆପଡ଼ା ଜିଲ୍ଲାର ନ୍ୟାସନାଲ କଲେଜ ଏବଂ କୋମନା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀମାନେ ତାଲିମ ଗ୍ରହଣ କରି ସେମାନଙ୍କର ସୁରକ୍ଷା ପାଇଁ ଶାରୀରିକ ଜ୍ଞାନ ଆହରଣ, ଦୈନନ୍ଦିନ ଜୀବନରେ ଯୋଗ ଅଭ୍ୟାସକୁ ଆପଣାଇବା ପାଇଁ ତାଲିମ ଦିଆଯାଇଥିଲା। କୋମନା ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟର ଯୁକ୍ତ ତିନି ବର୍ଷର ୮୭ ଜଣ ଛାତ୍ରୀ ତାଲିମ ନେଇଥିଲେ।

***Ganjam***

## ମା’ ବୁଢ଼ୀଠାକୁରାଣୀଙ୍କ ଶୁଭଖୁଣ୍ଟି ସ୍ଥାପନ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ମା’ ବୁଢ଼ୀଠାକୁରାଣୀଙ୍କ ଯାତ୍ରା ପାଇଁ ଆଜି ମଧ୍ୟରାତ୍ରରେ ଶୁଭଖୁଣ୍ଟି ସ୍ଥାପନ କରାଯିବ। ଏଥିନିମନ୍ତେ ପାରମ୍ପରିକ

ରୀତିନୀତି ଅନୁସାରେ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କୁଳପୁରୋହିତ ଶୁଭଖୁଣ୍ଟି ସ୍ଥାପନ ଲାଗି ବୁଢ଼ୀଠାକୁରାଣୀଙ୍କ ମା’ ଘର ଲାଗି ଦିନ ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁଯାୟୀ ବ୍ରହ୍ମପୁରରେ ଚଳିତ ବର୍ଷ ମା’ ବୁଢ଼ୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ମାର୍ଚ୍ଚମାସ ଶେଷ କିମ୍ବା ଏପ୍ରିଲ ପହିଲାରେ ହେବ।

***Desk***

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି । ଆସନ୍ତାକାଲି ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ଏବଂ ରାତି ତାପମାତ୍ରା ସ୍ୱାଭାବିକ ଠାରୁ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକା ରହିବା ସହ ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଅନୁଗୁଳ ଜିଲ୍ଲାରେ ତାପମାତ୍ରା ଅଧିକ ରହିବ ବୋଲି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି।